# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**15 September – 2025**

---

# ନୂଆ ଶିଳ୍ପ ପ୍ରକଳ୍ପ

ଭୁବନେଶ୍ୱର ଓୟୁଏଟି କୃଷି ଶିକ୍ଷା ସଦନ ପରିସରରେ ଆଜି ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜ୍ୟର ୨୭ଟି ନୂଆ ଶିଳ୍ପ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହେବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଏଥିରେ ଯୋଗଦେଇ ୨୫ହଜାର ୩୮୦ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଥିବା ପ୍ରକଳ୍ପ ଗୁଡ଼ିକର ଶିଳାନ୍ୟାସ କରିବେ । ଶିଳ୍ପ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ  ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେବେ । ପ୍ରକଳ୍ପ ଦ୍ୱାରା ୫୧ହଜାର ୮୨୬ରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି ।

# ନିଯୁକ୍ତି ମେଳା

ଭୁବନେଶ୍ୱର ୟୁନିଟ୍-୩ ସ୍ଥିତ ଇଡ୍କୋ ପ୍ରଦର୍ଶନୀ ପଡ଼ିଆଠାରେ ଆଜି ରାଜ୍ୟସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହେବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏଥିରେ ଯୋଗଦେଇ ୭ଟି ବିଭାଗ ପାଇଁ ମନୋନୀତ ହୋଇଥିବା ୧ହଜାର ୬୮୬ଜଣଙ୍କୁ ନିଯୁକ୍ତି ପତ୍ର ବଣ୍ଟନ କରିବେ ।

# ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ

ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ ଆସନ୍ତା ୧୭ ତାରିଖରୁ ସମଗ୍ର ଦେଶରେ ଆରମ୍ଭ କରାଯିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟପ୍ରଦେଶର ଧାର୍ ଜିଲ୍ଲାରେ ଏହାର ଶୁଭାରମ୍ଭ କରିବେ । ଆସନ୍ତା ମାସ ୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଭିଯାନ ଅଧୀନରେ ସବୁ ବର୍ଗର ମହିଳା ତଥା ବାଳିକାଙ୍କର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିଭିନ୍ନ ପ୍ରକାର ପରୀକ୍ଷଣ, ପୁଷ୍ଟିସାର ଓ ସାମଗ୍ରିକ ବିକାଶ ଲକ୍ଷ୍ୟ ନେଇ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଭୁବନେଶ୍ୱର ୟୁନିଟ୍-୩ ସ୍ଥିତ ଇଡ୍କୋ ପଡ଼ିଆଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ରାଜ୍ୟସ୍ତରୀୟ ଅଭିଯାନର ଶୁଭାରମ୍ଭ କରିବେ । ଏଥିରେ ୫ହଜାରରୁ ଅଧିକ ମହିଳା ହିତାଧିକାରୀ ଅଂଶଗ୍ରହଣ କରିବାର ଲକ୍ଷ୍ୟ ରଖାଯାଇଛି ।

# ପୁନଃ ବ୍ୟବସ୍ଥାପନ କାର୍ଯ୍ୟସୂଚୀ

ନୂଆପଡା ବିଧାନସଭା ମଣ୍ଡଳୀରେ ମତଦାନ କେନ୍ଦ୍ର ଗୁଡ଼ିକର ପୁନଃ ବ୍ୟବସ୍ଥାପନ ଏବଂ ପରିବର୍ତ୍ତନ ସଂକ୍ରାନ୍ତ କାର୍ଯ୍ୟସୂଚୀ ସ୍ଥିର ହୋଇଛି । ରାଜ୍ୟ ମୁଖ୍ୟ ନିର୍ବାଚନ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ଏ ସଂକ୍ରାନ୍ତ ବିଜ୍ଞପ୍ତି ପ୍ରକାଶ ପାଇଛି । ଜୁଲାଇ ପହିଲାକୁ ଯୋଗ୍ୟତା ଭାବେ ଗ୍ରହଣ କରି ପ୍ରସ୍ତୁତ ଚିଠା ଭୋଟର ତାଲିକା ଆଜି ପ୍ରକାଶ ପାଇବ । ଏହା ଉପରେ ରହିଥିବା ଦାବି ଏବଂ ଆପତ୍ତି ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ଦାଖଲ

କରାଯାଇପାରିବ । ଆସନ୍ତା ମାସ ୯ ତାରିଖରେ ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ପାଇ ଦିନ ଧାର୍ଯ୍ୟ କରାଯାଇଛି ।

# ସଚେତନତା କାର୍ଯ୍ୟକ୍ରମ

ଭିନ୍ନକ୍ଷମଙ୍କ ଅଧିକାର ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଗତକାଲି ଭୁବନେଶ୍ୱର ବିଜେବି କଲେଜ ପରିସରରେ ଆୟୋଜିତ ହୋଇଯାଇଛି । ଭିନ୍ନକ୍ଷମ ଆୟୁକ୍ତଙ୍କ କାର୍ଯ୍ୟାଳୟ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭିନ୍ନକ୍ଷମଙ୍କ ଅଧିକାର ଏବଂ ସୁରକ୍ଷା ସମ୍ପର୍କିତ ଆଇନ୍‌ଗତ ବିଧିବ୍ୟବସ୍ଥା ଉପରେ ଆଲୋଚନା ହୋଇଛି । ଓଡ଼ିଶା ଉଚ୍ଚଶିକ୍ଷା ବିଭାଗ ସହଯୋଗରେ ରାଜ୍ୟର ୫ଟି କଲେଜରେ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି ।

## ଅଭିଯୋଗ ଶୁଣାଣୀ

ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣୀ ଆଜି ବନ୍ଦ ରହିଛି। ଶୁଣାଣୀର ପରବର୍ତ୍ତୀ ତାରିଖ ବିଷୟରେ ପୂର୍ବରୁ ସୂଚନା ଦିଆଯିବ ବୋଲି ସାଧାରଣ ଅଭିଯୋଗ ଓ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ କୁହାଯାଇଛି।

# ସମୀକ୍ଷା ବୈଠକ

ଭଦ୍ରକ ଜିଲ୍ଲା ଧାମନଗର ଛକରେ ଟେକ୍ସଟାଇଲ ଓ ଶିଳ୍ପ ପାର୍କ ପ୍ରତିଷ୍ଠା ପ୍ରକଳ୍ପର ଅଗ୍ରଗତି ନେଇ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି ।

ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଇଡ୍‌କୋର ନିର୍ବାହୀ ନିର୍ଦ୍ଦେଶକ ଡକ୍ଟର ସୁରେଶ କୁମାର ଦଲାଇ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଯୋଗଦେଇ ମତ ବିନିମୟ କରିଛନ୍ତି । ପ୍ରକଳ୍ପ ପାଇଁ ଏପର୍ଯ୍ୟନ୍ତ ୨୧୭ ଏକରରୁ ଅଧିକ ଜମି ଅଧିଗ୍ରହଣ ହୋଇସାରିଥିବା ବୈଠକରୁ ଜଣାପଡିଛି ।

# ଫ୍ଲାଏ ଓଭର ନିର୍ମାଣ

ବରଗଡ ସହରର ଟ୍ରାଫିକ ସମସ୍ୟା ନିୟନ୍ତ୍ରଣ ନେଇ ଏକ ଫ୍ଲାଏ ଓଭର ନିର୍ମାଣ କରାଯିବ । ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ଗତ ସଂଧ୍ୟାରେ ଏହାର ଶିଳାନ୍ୟାସ କରିଛନ୍ତି । ଭଟଲୀ ଛକରୁ ୭୦୦ ମିଟର ଦୀର୍ଘ ଏହି ଫ୍ଲାଏ ଓଭର ନିର୍ମାଣ ପାଇଁ ୩୧ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି ।

# ଆଇନ୍ ସଚେତନତା କାର୍ଯ୍ୟକ୍ରମ

ରାୟଗଡା ଜିଲ୍ଲା ପଦ୍ମପୁର ଆର୍ ଜି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଗୁଣୁପୁର ତାଲିମ ସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସୁରକ୍ଷିତ ଗଣମାଧ୍ୟମ ଏବଂ ସାଇବର ଆଇନ୍ ସମ୍ପର୍କରେ ଆଲୋଚନା ହୋଇଥିଲା ।

## ପୁଅ ଜିଉଁତିଆ ଓଷା

ପବିତ୍ର ମୁଳାଷ୍ଟମୀ ଅବସରରେ ବରଗଡ ଜିଲ୍ଲାରେ ପୁଅ ଜିଉଁତିଆ ଓଷା ନିଷ୍ଠାର ସହ ପାଳିତ ହୋଇଯାଇଛି । ପୁଅର ଦୀର୍ଘଜୀବନ କାମନା କରି ମା'ମାନେ ନିର୍ଜଳା ଉପବାସ ରହି ଓଷା ପାଳନ କରିଥାନ୍ତି । ପାରମ୍ପରିକ ରୀତିନୀତି ଅନୁଯାୟୀ ଆଜି ସକାଳେ ମା'ମାନେ ଉପବାସ ଭଙ୍ଗ କରିଛନ୍ତି ।

## ଇଞ୍ଜିନିୟର୍ସ ଦିବସ

ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଯନ୍ତ୍ରୀଙ୍କର ଅବଦାନ ତଥା ଭାରତର ବିଶିଷ୍ଟ ଇଞ୍ଜିନିୟର ସାର୍. ଏମ୍ ବିଶ୍ୱେଶରାୟଙ୍କ ଜନ୍ମବାର୍ଷିକୀ ଅବସରରେ ଆଜି ଇଞ୍ଜିନିୟର୍ସ ଡେ ପାଳନ କରାଯାଉଛି ।  ୧୯୬୦ ମସିହା ପ୍ରତିବର୍ଷ ସେପ୍ଟେମ୍ବର ୧୫ ତାରିଖରେ ଏହି ଦିବସ ପାଳନ ହୋଇଆସୁଛି । ନିର୍ମାଣ କ୍ଷେତ୍ରରେ ରହିଥିବା ଆହ୍ୱାନର ମୁକାବିଲା, ବୈଷୟିକ ଜ୍ଞାନକୌଶଳର ଉପଯୋଗ ଏବଂ ଅର୍ଥନୈତିକ ଅଭିବୃଦ୍ଧିରେ ଯନ୍ତ୍ରୀଙ୍କର ଭୂମିକାକୁ ସମ୍ମାନ ପ୍ରଦର୍ଶନ ସ୍ୱରୂପ ଆଜି ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ।

## ଟି୧୦ ଟେନିସ ବଲ କ୍ରିକେଟ୍

ପୁରୀଠାରେ ଚାଲିଥିବା ତୃତୀୟ ସର୍ବଭାରତୀୟ ଟି-୧୦ ଟେନିସ୍ ବଲ କ୍ରିକେଟ୍ ପ୍ରତିଯୋଗିତା ଗତକାଲି ଉଦ୍‌ଯାପିତ ହୋଇଛି । ଫାଇନାଲ

ମ୍ୟାଚ୍‌ରେ ଝାଡ଼ଖଣ୍ଡ ଓଡ଼ିଶାକୁ ପରାସ୍ତ କରି ଟାଇଟଲ ହାସଲ କରିଛି । ସାଂସଦ ଡକ୍ଟର ସସ୍ମିତ ପାତ୍ର ଉଦ୍‌ଯାପନୀ ସମାରୋହରେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ ।

# ପାଣିପାଗ

ବଙ୍ଗୋପସାଗରରେ ଆସନ୍ତା ୧୯ ତାରିଖ ସୁଦ୍ଧା ଆଉଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଘୂର୍ଣ୍ଣିବଳୟର ପ୍ରଭାବରେ ରାଜ୍ୟରେ ବର୍ଷାଲାଗିରହିବ । ଆସନ୍ତା ୨୪ଘଣ୍ଟା ମଧ୍ୟରେ ବିଜୁଳି, ଘଡ଼ଘଡି ସହ ବର୍ଷା ହେବା ନେଇ ୧୮ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଅପରପକ୍ଷରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଦେଶରୁ ପ୍ରତ୍ୟାବର୍ତ୍ତନ ପ୍ରକ୍ରିୟା ଆରମ୍ଭ କରିଥିବା ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ।